## ସଂକ୍ଷେପରେ

### ପେନ୍ ଦେଖାଇ ବିମାନ ଅପହରଣ

**ବେଜିଂ, ୧୫।୪/ପିଟିି:** ଚୀନ୍‌ରେ ଜଣେ ମାନସିକ ବିକୃତ ଯାତ୍ରୀ ଆଜି ଫାଉଣ୍ଟେନ୍ ପେନ୍‌କୁ ଅସ୍ତ୍ର ଭାବେ ଦେଖାଇ ଜଣେ ବିମାନ କର୍ମଚାରୀଙ୍କୁ ପଣବନ୍ଦୀ କରି ଏୟାର ଚାଇନାର ଏକ ବିମାନକୁ ଅପହରଣ କରିଥିଲେ। ବେଜିଂ ଯାଉଥିବା ଏହି ବିମାନ ବାଧ୍ୟ ହୋଇ ଝେଙ୍ଗ୍‌ଝାଉରେ ଅବତରଣ କରିଥିଲା। ତେବେ ଅପରାହ୍ନ ୧.୧୭ରେ ସୁରକ୍ଷାକର୍ମୀମାନେ ଏହି ଘଟଣାକୁ ନିୟନ୍ତ୍ରଣ କରିବାରୁ ସମସ୍ତ ଯାତ୍ରୀ ଓ ଚାଳକ ଦଳ ନିରାପଦରେ ଅବତରଣ କରିଥିଲେ। ୪୧ ବର୍ଷ ବୟସ୍କ ଅପହର୍ତ୍ତାଙ୍କୁ ଗିରଫ କରାଯାଇଛି।

### ମଧ୍ୟପ୍ରଦେଶରେ ଟ୍ରେନ୍ ଲାଇନ୍‌ଚ୍ୟୁତ, ୬ ଆହତ

**କଟ୍‌ନି, ୧୫।୪/ଏଜେନ୍ସି:** ମଧ୍ୟପ୍ରଦେଶର କଟ୍‌ନି ଜିଲ୍ଲାରେ ଏକ ଯାତ୍ରୀବାହୀ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହେବାରୁ ପ୍ରାୟ ୬ ଜଣ ଆହତ ହୋଇଛନ୍ତି। କଟ୍‌ନିରୁ ଚୋପାନ୍ ଆଡ଼କୁ ଯାଉଥିବା ଏହି ଟ୍ରେନ୍ ଗତକାଲି ରାତିରେ କଟ୍‌ନି ରେଳ ଷ୍ଟେସନ୍ ଠାରୁ ୩୦ କି.ମି. ଦୂର ସଲ୍‌ହାନା ଓ ପିପାରିଆ କାଲାନ୍ ଷ୍ଟେସନ୍ ମଧ୍ୟରେ ଲାଇନ୍‌ଚ୍ୟୁତ ହୋଇଥିଲା। ତୁରନ୍ତ ସେଠାରେ ଏକ ରିଲିଫ୍ ଟ୍ରେନ୍ ପହଞ୍ଚି ଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ହଠାତ୍ କିଛି ଜଣାପଡ଼ି ନାହିଁ। ଏ ସମ୍ପର୍କରେ ରେଳବାଇ ପକ୍ଷରୁ ଅନୁସନ୍ଧାନ ଚାଲିଛି। ଆହତମାନଙ୍କୁ କଟ୍‌ନି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### କଶ୍ମୀରର ୨ ମନ୍ତ୍ରୀଙ୍କ ଇସ୍ତଫା ଗୃହୀତ

**ଶ୍ରୀନଗର, ୧୫।୪/ପିଟିଆଇ:** କଠୁଆ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ସମର୍ଥନ କରି ର୍‍ୟାଲିରେ ଭାଗ ନେଇଥିବା ଜମ୍ମୁ-କଶ୍ମୀରର ଦୁଇ ଜଣ ବିଜେପି ମନ୍ତ୍ରୀଙ୍କ ଇସ୍ତଫାପତ୍ର ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ତାଙ୍କ ମନ୍ତ୍ରିମଣ୍ଡଳର ଦୁଇ ସଦସ୍ୟ ଲାଲ୍ ସିଂହ ଓ ଚନ୍ଦ୍ରପ୍ରକାଶ ଗଙ୍ଗାଙ୍କ ଇସ୍ତଫାପତ୍ର ପାଇବା ପରେ ଏହାକୁ ତୁରନ୍ତ ଗ୍ରହଣ କରିନେବା ଲାଗି ରାଜ୍ୟପାଳ ଏନ୍‌ଏନ୍ ଭୋରାଙ୍କ ନିକଟକୁ ପଠାଇ ଦେଇଥିଲେ। ଦୁଇ ମନ୍ତ୍ରୀଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୨୨କୁ ଖସିଛି।